بسم الله الرحمن الرحيم

१९ ଜୁଲାଇ ୨୦୧୯ ଖୁତବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ

ହଜରତ ମହମ୍ମଦ ସ.ଆଙ୍କର ସର୍ବୋଚ୍ଚ ସ୍ତରରେ ବିରାଜମାନ ତଥା ପଦମର୍ଯ୍ୟାଦା ସମ୍ପର୍ଣ୍ଣ ବଦରୀ ସାହାବିଙ୍କର ଉତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ତଥା ହୃଦୟଗ୍ରାହୀ ଚର୍ଚ୍ଚା ।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ କହିଲେ- ଆଜି ମଧ୍ୟ ମୁଁ କେତେକ ବଦରୀ ସାହାବାଙ୍କର ଚର୍ଚ୍ଚା କରିବି, ତେବେ ସର୍ବପ୍ରଥମ ସାହାବି ହେଲେ ହଜରତ ଆମିର ବିନ୍ ସଲମି । ତାଙ୍କ ସମ୍ପର୍କ ବଲି କବିଲା (ଗୋଷ୍ଠୀ) ସହିତ ଥିଲା । ଏହି ଦୃଷ୍ଟିରୁ ତାଙ୍କୁ ଆମିର ବିନ୍ ସଲମି ବଲଓ୍ୱି ମଧ୍ୟ ବୋଲାଯାଏ । ହଜରତ ଆମିର ଅନସାରଙ୍କର ହଲିଫ୍ (ପରସ୍ପରକୁ ସାହାଯ୍ୟ କରିବାର ସନ୍ଧି କରିବା) ଥିଲେ । ହଜରତ ଆମିର ବିନ୍ ସଲମି ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ଦ୍ୱିତୀୟ ସାହାବିଙ୍କ ନାମ ହେଲା ହଜରତ ଅବଦୁଲ୍ଲାଃ ବିନ୍ ସୁରାକା । ଆପଣଙ୍କ ସମ୍ପର୍କ କୁରେଶର କବିଲା ବନୁ ଅଦି ସହିତ ଥିଲା, ଯାହାକି ହଜରତ ଉମର ବିନ୍ ଖିତାବଙ୍କର କବିଲା ଥିଲା । ହଜରତ ଅବଦୁଲ୍ଲାଃ ବିନ୍ ସୁରାକାଙ୍କର ପଂଚମ ପିଢୀ ରିହା ନାମୀ ବ୍ୟକ୍ତି ମାଧ୍ୟମରେ ହଜରତ ଉମର ର.ଅଙ୍କ ସହ ଓ ଦଶମ ପିଢୀ କାଆବ ନାମୀ ବ୍ୟକ୍ତି ମାଧ୍ୟମରେ ହଜରତ ମହମ୍ମଦ ସ.ଅଙ୍କ ବଂଶଧର ସହିତ ମିଳିତ ହେଉଅଛି ।

ହଜରତ ଅବଦୁଲ୍ଲାଃ ବିନ୍ ସୁରାକା ନିଜ ଭାଇ ଉମରୋଙ୍କ ସାଥିରେ ମକ୍କାରୁ ମଦିନା ପ୍ରବାସ କରିଥିଲେ ଏବଂ ହଜରତ ରାଫେ ବିନ୍ ଅବଦୁଲ୍ ମୁନଜିରଙ୍କ ଘରେ ଶରଣ ନେଇଥିଲେ । ହଜରତ ଅବଦୁଲ୍ଲାଃ ବିନ୍ ସୁରାକା ହଜରତ ଉସମାନ ର.ଅଙ୍କ ଖିଲାଫତ୍ ସମୟ କାଳରେ ଅର୍ଥାତ ୩୫ହିଜରୀରେ ଇହଧାମ ତ୍ୟାଗ କରିଥିଲେ । ହଜରତ ଅବଦୁଲ୍ଲାଃ ବିନ୍ ସୁରାକା ବର୍ଣ୍ଣନା କରିଛନ୍ତି ଯେ ହଜୁର ସ.ଅ କହିଲେ **ତସହ୍‌ହରୁ ଓ୍ୱଲୌବିଲ୍ ମାଈ** ଅର୍ଥାତ କେବଳ ଜଳ ଦ୍ୱାରା ସହରୀ କରିବାକୁ ହେଲେ ମଧ୍ୟ ସହରୀ କର । ଅର୍ଥାତ ସହରୀ କରିବା ଅନିବାର୍ଯ୍ୟ ।

ପରବର୍ତୀ ସାହାବିଙ୍କ ହେଲେ ହଜରତ ମାଲିକ ବିନ୍ ଅବୁ ଖ୍ୱାଲା । ତାଙ୍କ ସମ୍ପର୍କ କବିଲା ବନୁ ଅଜଲ ସହିତ ଥିଲା । ହଜରତ ଖ୍ୱାଲା ନିଜର ଦୁଇ ଭାଇ ହଜରତ ହଲାଲ ଓ ହଜରତ ଅବଦୁଲ୍ଲାଃଙ୍କ ସାଥିରେ ବଦର ଯୁଦ୍ଧରେ ସାମିଲ ହୋଇଥିଲେ । ହଜରତ ଉସମାନ ର.ଅ ଖିଲାଫତ୍ ସମୟ କାଳରେ ହଜରତ ମାଲିକ ବିନ୍ ଅବୁ ଖ୍ୱାଲାଙ୍କର ଦେହାନ୍ତ ହୋଇଥିଲା ।

ପରବର୍ତୀ ସାହାବି ହେଲେ ହଜରତ ଓ୍ୱାକିଦ୍ ବିନ୍ ଅବଦୁଲ୍ଲାଃ । ତାଙ୍କର ସମ୍ପର୍କ କବିଲା ବନୁ ତମିମ୍ ସହ ଥିଲା । ଆପଣ ହଜରତ ଅବୁବକର ର.ଅଙ୍କ ପ୍ରଚାର ଅଭିଯାନ ଫଳସ୍ୱରୂପ ଇସଲାମ ଧର୍ମରେ ଦିକ୍ଷିତ ହୋଇଥିଲେ । ହଜରତ ଓ୍ୱାକିଦ୍ ହଜରତ ମହମ୍ମଦ ସ.ଅଙ୍କ ଦାରେ ଅରକମ୍‌କୁ ପ୍ରସ୍ଥାନ କରିବା ପୂର୍ବରୁ ଇସଲାମ ସ୍ୱୀକାର କରିନେଇଥିଲେ । ହଜୁର ଅନଓ୍ୱର ଅ.ବ କହିଲେ- ଦାରେ ଅରକମ୍ ସମ୍ବନ୍ଧରେ ସଂକ୍ଷିପ୍ତ ଚର୍ଚ୍ଚା କରିଦେଉଛି, ଏକଦା ହଜରତ ମହମ୍ମଦ ସ.ଅଙ୍କର ଧ୍ୟାନ ଏଥିପ୍ରତି କେନ୍ଦ୍ରିଭୂତ ହେଲା କି ମକ୍କାରେ ଏକ ପ୍ରଚାର କେନ୍ଦ୍ର ପ୍ରତିଷ୍ଠା କରିବା ଆବଶ୍ୟକ, ଯେଉଁଠାରେ ମୁସଲମାନମାନେ ଏକତ୍ରିତ ହୋଇପାରିବେ, ସାମୁହିକ ନମାଜ ପାଠ କରିପାରିବେ ଏବଂ ବିନା କୌଣସି ବାଧାବିଘ୍ନରେ ନିଜର ଶିକ୍ଷାଦିକ୍ଷା ମାମଲାରେ ହଜୁର ସ.ଅଙ୍କ ଠାରୁ ମାର୍ଗଦର୍ଶନ ହାସଲ କରିପାରିବେ । ଏସମସ୍ତ କାର୍ଯ୍ୟ ସମ୍ପାଦନ ନିମନ୍ତେ ଏକ ଅଟ୍ଟାଳିକାର ଆବଶ୍ୟକତା ରହିଥିଲା, ଯାହାକି ମୁସଲମାନମାନଙ୍କ କେନ୍ଦ୍ରାଳୟର ମାନ୍ୟତା ରଖୁଥିବ । ଅତଏବ ହଜୁର ସ.ଅ ଏଥିନିମନ୍ତେ ଜଣେ ନୂତନ ମୁସଲମାନ ହଜରତ ଅରକମ୍ ବିନ୍ ଅବି ଅରକମ୍‌ଙ୍କ ଘରକୁ ପସନ୍ଦ କଲେ । ଯାହାକି ସଫା (ପାହାଡ଼ର) ପାଦ ଦେଶରେ ଅବସ୍ଥିତ ଥିଲା । ତା'ପରେ ସମସ୍ତ ମୁସଲମାନମାନେ ସେହିଠାରେ ଏକତ୍ରିତ ହେଲେ ଏବଂ ସେହି ଠାରେ ସାମୁହିକ ନମାଜ ମଧ୍ୟ ପାଠ କଲେ । ଯେଉଁ ଲୋକମାନେ ସତ୍ୟର ସନ୍ଧାନରେ ଥିଲେ, ଯେତେବେଳେ ସେମାନେ ହଜୁର ସ.ଅଙ୍କ ନିକଟକୁ ଆସୁଥିଲେ, ହଜୁର ସ.ଅ ସେହିଠାରେ ହିଁ ସେମାନଙ୍କୁ ଇସଲାମର ବାର୍ତା ପ୍ରଦାନ କରୁଥିଲେ । ଏହି କାରଣରୁ ଉକ୍ତ କୋଠରୀ ଇସଲାମର ଇତିହାସରେ ବିଶେଷ ମର୍ଯ୍ୟାଦା ଲାଭ କରିନେଲା ଏବଂ ଦାରୁଲ୍ ଅରକମ୍ ନାମରେ ପ୍ରସିଦ୍ଧି ଅର୍ଜନ କଲା । ହଜରତ ମୁହମ୍ମଦ ସ.ଅ ସେଠାରେ ପାଖାପାଖି ତିନି ବର୍ଷ ପର୍ଯ୍ୟନ୍ତ ଧାର୍ମିକ କାର୍ଯ୍ୟ ସମ୍ପାଦନ କରିଥିଲେ । ଐତିହାସିକମାନେ ଉଲ୍ଲେଖ କରିଛନ୍ତି ଦାରୁଲ ଅରକମ୍‌ରେ ଇସଲାମ ଧର୍ମର ଦିକ୍ଷା ନେଇଥିବା ଅନ୍ତିମ ବ୍ୟକ୍ତି ହଜରତ ଉମର ର.ଅ ଥିଲେ । ଜାହାଙ୍କର ଇସଲାମର ଦିକ୍ଷା ନେବା ଦ୍ୱାରା

ମୁସଲମାନମାନେ ନିଜକୁ ବେଶ ବଳଶାଳି ଅନୁଭବ କରିଥିଲେ ଏବଂ ସେମାନେ ଦାରୁଲ୍ ଅରକମ୍‌ରୁ ବାହାରି ମୁକ୍ତ ଭାବରେ ଇସଲାମର ପ୍ରଚାରର କରିବା ଆରମ୍ଭ କରିଦେଲେ । ହଜରତ ୱାକିଦ୍ ହଜରତ ଉମର ର.ଅ ସାଥିରେ ମକ୍କାରୁ ମଦିନା ପ୍ରବାସ କରିଥିଲେ । ମଦିନାରେ ପହଂଚିବା ପରେ ଆପଣ ହଜରତ ରଫା ବିନ୍ ଅବଦ୍ଦୁଲ୍ ମୁନଜିର୍ ର.ଅଙ୍କ ଘରେ ଶରଣ ନେଇଥିଲେ । ହଜରତ ୱାକିଦ୍‌ଙ୍କର ଦେହାନ୍ତ ହଜରତ ଉମର ର.ଅ ଖିଲାଫତ୍ ସମୟ କାଳରେ ହୋଇଥିଲା ।

ପରବର୍ତୀ ସାହାବି ହେଲେ ହଜରତ ନସର ବିନ୍ ହାରିସ୍ । ଆପଣ ଅନସାରଙ୍କ ଅଓ୍ୱସ କବିଲା ସମ୍ବନ୍ଧିତ ବନୁ ଅବଦ ବିନ୍ ରଜାକ୍ ବଂଶଧରର ଥିଲେ । ତାଙ୍କ ପିତାଙ୍କ ନାମ ହାରିସ୍ ବିନ୍ ଅବଦ ଓ ମାତାଙ୍କ ନାମ ସୌଦା ବିନତ୍ ସଓ୍ୱାଦ ଥିଲା । ହଜରତ ନସର ବିନ୍ ହାରିସ୍‌ଙ୍କ ପିତା ହାରିସ୍ ର.ଅ ମଧ୍ୟ ହଜୁର ସ.ଅଙ୍କ ପବିତ୍ର ସାହାବିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ହଜରତ ନସର କାଦସିଆ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ହଜରତ ଉମର ର.ଅଙ୍କ ଖିଲାଫତ କାଳରେ ୧୪ ହିଜ୍‌ରୀରେ ମୁସଲମାନ ଓ ଇରାନୀମାନଙ୍କ ମଧ୍ୟରେ କାଦସୀୟା ସ୍ଥାନରେ ଏକ ନିର୍ଣ୍ଣାୟକ ଯୁଦ୍ଧ ଘଟିଥିଲା, ଜାହାର ପରିଣାମ ସ୍ୱରୂପ ଇରାନ ସାମ୍ରାଜ୍ୟ ମୁସଲମାନମାନଙ୍କ ଅଧିନକୁ ଆସି ଯାଇଥିଲା ।

ପରବର୍ତୀ ସାହାବି ହେଲେ ହଜରତ ମାଲିକ ବିନ୍ ଉମରୋ । ଆପଣ ବନୁ ସଲିମ୍ ଗୋଷ୍ଠୀ ଅନ୍ତର୍ଭୁକ୍ତ ବନୁ ହିଜର ବଂଶଧର ଥିଲେ । ଆପଣଙ୍କ ପିତାଙ୍କ ନାମ ଉମରୋ ବିନ୍ ସମିଦ ଥିଲା । ହଜରତ ମାଲିକ୍ ନିଜର ଦୁଇ ଭ୍ରାତା ହଜରତ ସକଫ୍ ବିନ୍ ଉମରୋ ଓ ହଜରତ ମଦଲଜ୍ ବିନ୍ ଉମରୋଙ୍କ ସାଥିରେ ବଦର ଯୁଦ୍ଧରେ ସାମିଲ ହୋଇଥିଲେ । ସେ ୧୨ ହିଜରୀରେ ୟମାମା ଯୁଦ୍ଧରେ ଶହିଦ୍ ହୋଇଥିଲେ ।

ପରବର୍ତୀ ସାହାବି ଯାହାଙ୍କ ଚର୍ଚ୍ଚା ହେବ ସେ ହେଲେ ହଜରତ ନୁମାନ ବିନ୍ ଅସର । ଆପଣଙ୍କ ସମ୍ପର୍କ ଅନସାର କବିଲାର ବଲି ସହିତ ଥିଲା । ହଜରତ ନୁମାନ ବିନ୍ ଅସର ବୈଅତେ ଉକବା ଓ ବଦର ଯୁଦ୍ଧ ସମେତ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ । ସେ ୟମାମା ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ ।

ପରବର୍ତୀ ସାହାବି ହେଲେ ହଜରତ ଅଓ୍ୱିମ୍ ବିନ୍ ସାଆଦା । ହଜରତ ଅଓ୍ୱିମ୍ ବିନ୍ ସାଆଦାଙ୍କ ସମ୍ପର୍କ ଅଓ୍ୱସ ଗୋଷ୍ଠୀର ଶାଖା ବନୁ ଉମରୋ ବିନ୍ ଅଓ୍ୱଫ୍ ସହିତ ଥିଲା । ଆପଣ ପ୍ରଥମ ଓ ଦ୍ୱିତୀୟ ବୈଅତେ ଉକବାରେ ସାମିଲ ଥିଲେ । ସିରତ୍ ଖାତମୁନ୍ ନବୀଇନ୍‌ରେ ଉଲ୍ଲେଖ ରହିଛି ଯେ ପ୍ରଥମ ବୈଅତେ ଉକବା ପୂର୍ବରୁ ମଦିନାର ଅନସାରଙ୍କ ଏକ ଦଳ ନବୀ ସ.ଅଙ୍କ ଉପରେ ବିଶ୍ୱାସ ଆଣିସାରିଥିଲେ । ସେମାନଙ୍କ ମଧ୍ୟରେ ହଜରତ ଅଓ୍ୱିମ୍ ବିନ୍ ସାଆଦା ମଧ୍ୟ ସାମିଲ ଥିଲେ । ହଜରତ ଅବଦୁଲ୍ଲାଃ ବିନ୍ ଜୁବେର ବର୍ଣ୍ଣନା କରନ୍ତି କି ସେ ହଜୁର ସ.ଅଙ୍କୁ ଏହା କହିବାରେ ଶୁଣିଛନ୍ତି ଯେ **ହଜରତ ଅଓ୍ୱିମ୍ ବିନ୍ ସାଆଦା ଅଲ୍ଲାଃଙ୍କ ଭକ୍ତମାନଙ୍କ ମଧ୍ୟରୁ କିଭଳି ଉତମ ଭକ୍ତ, ଯେ ବୈକୁଣ୍ଠବାସୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି** । ଆଉ ଏକ ବର୍ଣ୍ଣନା ଅନୁଯାୟୀ ଯେତେବେଳେ ଏହି ପଙ୍‌କ୍ତି ଅବତୀର୍ଣ୍ଣ ହେଲା **ଫିହି ରିଜାଲୁଇଁ ୟୁହିବ୍‌ବୁନା ଅଇଁ ୟତତହ୍‌ହରୁ । ୱଲ୍ଲାହୁ ୟୁହିବ୍‌ବୁଲ୍ ମୁତତହ୍‌ହିରିନ୍** । ସେତେବେଳେ ହଜୁର ସ.ଅ କହିଲେ ଅଓ୍ୱିମ୍ ବିନ୍ ସାଆଦା କିଭଳି ଉତମ ଭକ୍ତ ଯେ ଏହି (ପବିତ୍ର) ଗୋଷ୍ଠୀ ମଧ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି ।

ହଜରତ ଅଓ୍ୱିମ୍ ବିନ୍ ସାଆଦା ବଦର, ଓ୍ୱହଦ ଓ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସହିତ ସାମିଲ ଥିଲେ । ଆସିମ ବିନ୍ ସଓ୍ୱିଦ ବର୍ଣ୍ଣନା କରନ୍ତି କି ସେ ହଜରତ ଅଓ୍ୱିମ୍ ବିନ୍ ସାଆଦାଙ୍କ କନ୍ୟା ଅବିଦାଙ୍କୁ ଏହା କହିବାର ଶୁଣିଛନ୍ତି ଯେ ହଜରତ ଉମର ବିନ୍ ଖିତାବ ଯେତେବେଳେ ହଜରତ ଅଓ୍ୱିମ୍ ବିନ୍ ସାଆଦାଙ୍କ କବର ନିକଟରେ ଛିଡ଼ା ହୋଇଥିଲେ ସେତେବେଳେ ଏହା କହିଲେ ଯେ **ସଂସାରରେ କୌଣସି ବ୍ୟକ୍ତି ଏହା କହିପାରିବ ନାହିଁ କି ମୁଁ ଏହି କବରବାସୀ ଠାରୁ ଶ୍ରେୟସ୍କର** । ହଜରତ ମୁହମ୍ମଦ ସ.ଅଙ୍କ ନିମନ୍ତେ ଯେଉଁ ଧ୍ୱଜା ଉତୋଳନ କରାଯାଇଥିଲା, ତାହା ଛାଇ ତଳେ ହଜରତ ଅଓ୍ୱିମ୍ ରହୁଥିଲେ । ଅର୍ଥାତ ହଜରତ ଅଓ୍ୱିମ୍ ବିନ୍ ସାଆଦା ଇସଲାମୀୟ ଧ୍ୱଜାର ସୁରକ୍ଷା ଦାୟିତ୍ୱରେ ମୁତୟନ ଥିଲେ । ଓ୍ୱହଦ ଯୁଦ୍ଧରେ ହାରିସ୍ ବିନ୍ ସଓ୍ୱିଦ୍ ହଜରତ ମୁଜୟିର ବିନ୍ ଜିୟାଦ୍‌ଙ୍କୁ ଶହିଦ୍ କରିଦେଇଥିଲେ । ହଜରତ ମୁଜୟିର ବିନ୍ ଜିୟାଦ୍ ଇସଲାମ ଧର୍ମର ଆଗମନ ପୂର୍ବରୁ ହାରିସ୍‌ଙ୍କ ପିତା ସଓ୍ୱିଦ୍‌ଙ୍କୁ ହତ୍ୟା କରିଦେଇଥିଲେ । ଯେତେବେଳେ ହଜୁର ସ.ଅ ମଦିନା ଆଗମନ କରିଥିଲେ ସେତେବେଳେ ହାରିସ ଓ ମୁଜୟିର ଉଭୟେ ମୁସଲମାନ ହୋଇଗଲେ, କିନ୍ତୁ ହାରିସ୍ ସର୍ବଦା ମୁଜୟିରଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ରହୁଥିଲେ । ଏପରିକି ଓ୍ୱହଦ୍ ଯୁଦ୍ଧରେ ସେହି ସୁଯୋଗ ପାଇବା ମାତ୍ରେ ସେ ତାଙ୍କୁ ଶହିଦ୍ କରିଦେଇଥିଲେ । ଏହି ଅପରାଧ ଯୋଗୁଁ ହଜୁର ସ.ଅ ହଜରତ ଅଓ୍ୱିମ୍ ବିନ୍ ସାଆଦାଙ୍କୁ ଆଦେଶ ଦେଲେ, ହାରିସ୍‌ଙ୍କୁ ହତ୍ୟା କରିଦିଅ ।

ପରବର୍ତୀ ସାହାବି ହେଲେ ହଜରତ ନୁମାନ ବିନ୍ ସନାନ । ଆପଣ ଅନସାରଙ୍କ ଖଜରଜ୍ ଗୋଷ୍ଠୀ ଅନ୍ତର୍ଭୁକ୍ତ ବନୁ ନୁମାନ ବଂଶଧର

ଥିଲେ । ହଜରତ ନୁମାନ ବିନ୍ ସନାନ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ।

ପରବର୍ତ୍ତୀ ସାହାବି ହେଲେ ହଜରତ ଅନତରାଃ ମୌଲା ସଲିମ । ହଜରତ ଅନତରାଃ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ ଥିଲେ ଏବଂ ଓ୍ୱହଦ ଯୁଦ୍ଧ ସମୟରେ ବୀରଗତି ପ୍ରାପ୍ତ କରିଥିଲେ କିନ୍ତୁ ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜରତ ଅନତରାଃଙ୍କ ଦେହାନ୍ତ ସଫିନ୍ ଯୁଦ୍ଧ ସମୟରେ ହଜରତ ଅଲୀଙ୍କ ଖିଲାଫତ୍ ସମୟ କାଳରେ ଅର୍ଥାତ ୩୭ ହିଜରୀରେ ହୋଇଥିଲା ।

ପରବର୍ତ୍ତୀ ସହାବି ହେଲେ ହଜରତ ନୁମାନ ବିନ୍ ଅବଦେ ଉମରୋ । ଆପଣଙ୍କ ସମ୍ପର୍କ ଅନସାର ଗୋଷ୍ଠୀର ଖଜରଜ୍ ଶାଖା ବନୁ ଦିନାର ବିନ୍ ନଜାର ସହିତ ଥିଲା । ହଜରତ ନୁମାନ ବିନ୍ ଅବଦେ ଉମରୋ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ ଥିଲେ । ହଜରତ ନୁମାନ ବିନ୍ ଅବଦେ ଉମରୋ ଓ୍ୱହଦ ଯୁଦ୍ଧରେ ଶହିଦ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ହଜରତ ନୁମାନ ଓ ହଜରତ ଜହାକଙ୍କର ତୃତୀୟ ଭାଇ ହଜରତ କତବା ଥିଲେ । ସେ ମଧ୍ୟ ହଜୁର ସ.ଅଙ୍କ ସାହାବିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ବଏରେ ମାଉନା ଘଟଣାରେ ହଜରତ କତବାଙ୍କୁ ବୀରଗତି ପ୍ରାପ୍ତ ହୋଇଥିଲା । ମୁହମ୍ମଦ ବିନ୍ ସାଦ ବିନ୍ ଅବି ଓ୍ୱକାଶ ବର୍ଣ୍ଣନା କରନ୍ତି କି ହଜୁର ସ.ଅ ବନୁ ଦିନାରଙ୍କ ଏକ ମହିଳା ନିକଟରୁ ଅତିକ୍ରମ କଲେ । ଯାହାଙ୍କ ପିତା, ଭାଇ ଓ ସ୍ୱାମୀ ହଜୁର ସ.ଅଙ୍କ ସାଥିରେ ଓ୍ୱହଦ ଯୁଦ୍ଧରେ ସାମିଲ ହୋଇଥିଲେ ଏବଂ ସେମାନେ ସମସ୍ତେ ଉକ୍ତ ଯୁଦ୍ଧରେ ଶହିଦ୍ ହୋଇଯାଇଥିଲେ । ଯେତେବେଳେ ତାଙ୍କୁ ତାଙ୍କ ପରିଜନଙ୍କ ବିୟୋଗର ସୂଚନା ଦିଆଗଲା ସେତେବେଳେ ସେ ପଚାରିଲେ ହଜୁର ସ.ଅ କିପରି ଅଛନ୍ତି ? ଲୋକମାନେ ଉତର ଦେଲେ ହଁ ହଜୁର ସ.ଅ ସୁରକ୍ଷିତ ଅଛନ୍ତି ଏବଂ ଅଲ୍ଲାଃଙ୍କ କୃପାରୁ ତୁମ ଆଶା ମୁତାବକ ହଜୁରଙ୍କର କୌଣସି ଅନିଷ୍ଟ ହୋଇ ନାହିଁ । ସେ କହିଲେ ମୋତେ ଦେଖାଅ ମୁଁ ହଜୁର ସ.ଅଙ୍କୁ ସ୍ୱଚକ୍ଷୁରେ ଦେଖିବାକୁ ଚାହେଁ । ଏଥିରେ ତାଙ୍କୁ ହଜୁର ସ.ଅଙ୍କ ଆଡ଼କୁ ଇଶାରା କରି ଦେଖାଗଲା । ସେ ହଜୁର ସ.ଅଙ୍କୁ ଦେଖି କହିଉଠିଲେ, **ହଜୁର ସ.ଅଙ୍କ ସକୁଶଳେ ରହିବା ଅନ୍ତେ ସମସ୍ତ ଅସୁବିଧା ସାମାନ୍ୟ ଓ ସାଧାରଣ ଅଟେ ।**

ଆଉ ଏକ ବର୍ଣ୍ଣନା ଅନୁଯାୟୀ ତାଙ୍କ ପୁତ୍ରଙ୍କ ଶହିଦ୍ ହେବାର ଉଲ୍ଲେଖ ରହିଛି । ସେହି ମହିଳାଙ୍କ ନାମ ସମିରା ବିନତ୍ କୈଶ ଥିଲା ଏବଂ ହଜରତ ନୁମାନ ବିନ୍ ଅବଦେ ଉମରୋ ତାଙ୍କ ପୁତ୍ର ଥିଲେ ।

ହଜରତ ମୁସଲେହ ମଉଦ ର.ଅ ଏକ ଅବସରରେ ଉକ୍ତ ଘଟଣାର ଚର୍ଚ୍ଚା କରି କହିଛନ୍ତି- ଏହି ଉଦାହରଣ ମୁଁ ଅନେକ ଥର ଦେଇସାରିଛି, ଯାହାକି ପ୍ରତ୍ୟେକ ମଜଲିସ୍ (ବୈଠକରେ) ଆଲୋଚନା କରିବା ଯୋଗ୍ୟ ଏବଂ ଉକ୍ତ ଘଟଣା ସର୍ବଦା ସ୍ମରଣ ରଖିବା ଉଚିତ । ହଜରତ ମୁସଲେହ ମଉଦ ର.ଅ କୁହନ୍ତି ଏହା ଏପରି ଅନୁପମ ଉପାଦହରଣ ଯାହାର ନମୁନା ବିଶ୍ୱ ଇତିହାସରେ କୌଣସି ଠାରେ ଦେଖିବାକୁ ମିଳିନଥାଏ । ବର୍ତ୍ତମାନ କୁହ ଯଦି ଏପରି ଉଚ୍ଚପଦସ୍ଥ ବ୍ୟକ୍ତିତ୍ୱଙ୍କ ସମ୍ବନ୍ଧରେ ଏହା କୁହାଯାଇନଥାନ୍ତା **ମିନ୍‌ହୁମ୍ ମନ୍ କଜା ନହ୍‌ବହୁ** ତେବେ ସଂସରରେ ଆଉ କେଉଁ ସମ୍ପ୍ରଦାୟ ଥିଲା ଯାହାଙ୍କ ସମ୍ବନ୍ଧରେ ଏପରି ଶବ୍ଦ ବ୍ୟବହାର କରାଯାଇଥାଆନ୍ତା ? ହଜରତ ମୁସଲେହ ମଉଦ ର.ଅ କୁହନ୍ତି ଯେତେବେଳେ ମୁଁ ସେହି ମହିଳାଙ୍କ ଘଟଣା ଅଧ୍ୟୟନ କରେ ସେତେବେଳେ ମୋ ହୃଦୟରେ ତାଙ୍କ ପାଇଁ ମର୍ଯ୍ୟାଦା ଓ ସମ୍ମାନରେ ଭରିଯାଇଥାଏ ଏବଂ **ମୋ ହୃଦୟରେ ଏହି ଭାବନା ଉଙ୍କିମାରେ କି ମୁଁ ସେହି ପବିତ୍ରମୟ ମହିଳାଙ୍କୁ ସ୍ପର୍ଶ କରି ନିଅନ୍ତି କି କାରଣ ସେ ମୋ ପ୍ରିୟତମ ନବୀଶ୍ରେଷ୍ଠ ପାଇଁ ନିଜ ଅନନ୍ୟ ପ୍ରେମର ଏକ ଅସାଧାରଣ ଉଦାହରଣ ଛାଡ଼ି ଯାଇଛନ୍ତି ।**

ପୁନଶ୍ଚ ଆପଣ କୁହନ୍ତି ହଜରତ ମୁହମ୍ମଦ ସ.ଅ ନିଜ ସାହାବାଙ୍କ ହୃଦୟରେ ଏଭଳି ପ୍ରେମ ସୃଷ୍ଟି କରିଦେଇଥିଲେ କି ସେ ଆପଣଙ୍କ ମୁକାବିଲାରେ ଅନ୍ୟ କୌଣସି ବସ୍ତୁର ତିଳେ ମାତ୍ର ଖାତିର କରୁନଥିଲେ । କିନ୍ତୁ ଏହି ପ୍ରେମ କେବଳ ଏଥିପାଇଁ ଥିଲା କି ଆପଣ ଅଲ୍ଲାଃଙ୍କ ପ୍ରିୟ ନବୀ ଥିଲେ । **ଯଦି ସେମାନଙ୍କର ହଜରତ ମୁହମ୍ମଦ ସ.ଅଙ୍କୁ ପ୍ରେମ କରୁଥିଲେ ତେବେ ତାହା କେବଳ ଏଥିପାଇଁ କି ଆପଣ ଅଲ୍ଲାଃଙ୍କ ପ୍ରିୟ ନବୀ ଥିଲେ** । ପୁନଶ୍ଚ ଆପଣ କୁହନ୍ତି ସେମାନେ ବାସ୍ତବରେ ଈଶ୍ୱର ପ୍ରେମୀ ଥିଲେ ଏବଂ ଯେହେତୁ ହଜରତ ମୁହମ୍ମଦ ସ.ଅ ଅଲ୍ଲାଃଙ୍କର ପ୍ରିୟ ଥିଲେ, ତେଣୁ ଆପଣଙ୍କ ସାଥିଗଣ ଆପଣଙ୍କୁ ପ୍ରେମ କରୁଥିଲେ । ତା'ପରେ ହଜୁର ର.ଅ ସେହି ମହିଳାଙ୍କର ଚର୍ଚ୍ଚା କରିଛନ୍ତି । ଏହି ଭଲପାଇବା ଥିଲା ଯାହାକି ଈଶ୍ୱର ହଜରତ ମୁହମ୍ମଦ ସ.ଅଙ୍କ ପାଇଁ ସେମାନଙ୍କ ହୃଦୟରେ ଉତ୍ପନ୍ନ କରିଦେଇଥିଲେ । କିନ୍ତୁ ଏହା ସତ୍ତ୍ୱେ ସେମାନେ ସମସ୍ତ କ୍ଷେତ୍ରରେ ଈଶ୍ୱରଙ୍କୁ ପ୍ରାଥମିକତା ଦେଉଥିଲେ । ଏହି ଏକେଶ୍ୱରବାଦ ଥିଲା ଯାହାକି ସେମାନଙ୍କୁ ସଂସାରର ପ୍ରତ୍ୟେକ କ୍ଷେତ୍ରରେ ବିଜୟ ମଣ୍ଡିତ କରୁଥିଲା । ଅଲ୍ଲାଃଙ୍କ ମୁକାବିଲାରେ ନା ସେମାନେ ନିଜ ପିତାମାତାଙ୍କର ଖାତିର କରୁଥିଲେ ନା ନିଜ ଭାଇଭଉଣୀ ଏବଂ ନା ନିଜ ସ୍ୱାମୀ, ନା ସ୍ତ୍ରୀପିଲାଙ୍କର । ସେମାନଙ୍କ ନିକଟରେ କେବଳ ଗୋଟିଏ ଜିନିଷ ଥିଲା ଏବଂ ତାହା ଏହି କି ଯେ ତାଙ୍କ ପ୍ରଭୁ ତାଙ୍କ ଉପରେ ପ୍ରସନ୍ନିତ ହୋଇଯାନ୍ତୁ । ଏଥିପାଇଁ ତ ଅଲ୍ଲାଃତାଲା ସେମାନଙ୍କୁ **ରଜିଅଲ୍ଲାହୁ ଅନହୁମ୍** (ଉପାଧି) ପ୍ରଦାନ କଲେ । କିନ୍ତୁ ଆପଣ କୁହନ୍ତି ପରବର୍ତ୍ତୀ ସମୟରେ ମୁସଲମାନମାନଙ୍କ

ଅବସ୍ଥା ଏପରି ରହିଲା ନାହିଁ ଏବଂ ବର୍ତମାନ ସେମାନଙ୍କର ଯଦି ଅଲ୍ଲାଃଙ୍କ ସହ ସମ୍ପର୍କ ରହିଛି ତେବେ ତାହା ମାତ୍ର ବୁଦ୍ଧିଜ୍ଞାନ ମଧ୍ୟରେ ସୀମିତ ଏବଂ ସେମାନଙ୍କ ବୁଦ୍ଧିବିବେକରେ ଏକଥା ରହିଛି କି ଆମେ ଈଶ୍ୱରଙ୍କ ହସ୍ତିକୁ ସ୍ୱୀକାର କରୁଅଛୁ କିନ୍ତୁ ହୃଦୟରେ ନାହିଁ । ଯଦି ସେମାନଙ୍କ ସମ୍ମୁଖରେ ହଜରତ ମୁହମ୍ମଦ ସ.ଅଙ୍କ ଚର୍ଚ୍ଚା କରାଯାଏ ତେବେ ସେମାନଙ୍କ ହୃଦୟରେ (ହଜୁର ସ.ଅଙ୍କୁ) ଭଲପାଇବାର ତାର ଆନ୍ଦୋଳିତ ହୋଇଥାଏ ଏବଂ ହଜୁର ସ.ଅଙ୍କ ପ୍ରିୟଗଣଙ୍କ ଚର୍ଚ୍ଚା ହେଲେ ମଧ୍ୟ ସମାନ ଅବସ୍ଥା ପରିଲକ୍ଷିତ ହୋଇଥାଏ । ଶିଆ, ସୁନୀ ସମସ୍ତେ ହଜରତ ମୁହମ୍ମଦ ସ.ଅ ଓ ଆପଣଙ୍କ ସନ୍ତାନମାନଙ୍କ ଚର୍ଚ୍ଚା ହେଲେ ଉତେଜ୍ୱିତ ହୋଇଉଠିଥାନ୍ତି । କିନ୍ତୁ ଅଲ୍ଲାଃଙ୍କ ଚର୍ଚ୍ଚା ହେଲେ ସେମାନଙ୍କ ହୃଦୟର ତାର ତିଳେ ହେଲେ ଆନ୍ଦୋଳିତ ହୋଇନଥାଏ । ଯେତେବେଳେ କି ଆମମାନଙ୍କୁ ହଜରତ ମୁହମ୍ମଦ ସ.ଅଙ୍କ ପରି ନବୀଶ୍ରେଷ୍ଠଙ୍କ ଅସ୍ତିତ୍ୱ ପ୍ରଦାନକାରୀ ଅଲ୍ଲାଃ ହିଁ ଥିଲେ । ଅତଃ ଅଲ୍ଲାଃଙ୍କ ନାମ ଶୁଣିବା ମାତ୍ରେ ଆମମାନଙ୍କ ହୃଦୟ ଭୟର ମହାସାଗରରେ ଅଦୃଶ୍ୟ ହୋଇଯିବା ଉଚିତ । କାରଣ ପ୍ରକୃତ ଉନ୍ନତି ଓ କୃତକାର୍ଯ୍ୟ ଅଲ୍ଲାଃତାଲାଙ୍କୁ ଭଲପାଇବା ଦ୍ୱାରା ହାସଲ ହୋଇଥାଏ । ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ ରହିବା ଦ୍ୱାରା ହାସଲ ହୋଇଥାଏ । **ସୁତରାଂ ଏହା ସେହି ମୂଳ ନିୟମ ଯାହାକୁ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ମନେରଖିବା ଉଚିତ । ଅଲ୍ଲାଃତାଲା ଆମକୁ ନିଜ ଅଭ୍ୟନ୍ତରରେ ଅଲ୍ଲାଃ ଓ ରସୁଲଙ୍କ ବାସ୍ତବିକ ପ୍ରେମ ଓ ତାହାର ସଠିକ୍ ଜ୍ଞାନ ହାସଲ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।**

ହଜୁର ଅନଓ୍ୱର ଅ.ବ କହିଲେ-ବର୍ତମାନ ମୁଁ କେତେକ ମୃତକଙ୍କର ଚର୍ଚ୍ଚା କରିବି ଏବଂ ତାଙ୍କ ନମାଜ ଜନାଯାଃ ମଧ୍ୟ ପାଠ କରିବି । ପ୍ରଥମ ଜନାଯାଃ ଶ୍ରୀଯୁକ୍ତ ମଓ୍ୱଦୁଦ୍ ଅହମଦ ଖାନ୍ ସାହେବଙ୍କର ରହିଛି ଯେ କରାଚିର ଅମିର ଜିଲା ଥିଲେ ଏବଂ ଯେ ଶ୍ରୀମାନ ନଓ୍ୱାବ ମସଉଦ୍ ଅହମଦ ଖାନ୍ ସାହେବଙ୍କର ସୁପୁତ୍ର ଥିଲେ । ଚଳିତ ମାସ ୧୪ ତାରିଖ ଦିନ ୭୮ ବର୍ଷ ବୟସରେ ତାଙ୍କର କାଳ ହେଲା । **ଇନ୍ନାଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ସେ ୧୨ ଅପ୍ରେଲ ୧୯୪୧ ମସିହାରେ କାଦିୟାନରେ  ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ମାତାଙ୍କ ନାମ ରାଜଜେମା ତୈଅବା ସିଦିକା ଥିଲା । ସେ ହଜରତ ନଓ୍ୱାବ ମୁବାରକା ବେଗମ ସାହେବା ଓ ହଜରତ ନଓ୍ୱାବ ମହମ୍ମଦ ଅଲୀ ଖାନ୍ ସାହେବଙ୍କର ନାତି ଥିଲେ ଏବଂ ହଜରତ ଡ଼ାଃ ମିର ମହମ୍ମଦ ଇସମାଇଲ୍ ସାହେବଙ୍କର ନାତି (କନ୍ୟାଙ୍କ ପୁତ୍ର) ଥିଲେ । ସେ ନିଜ ପଛରେ ପତ୍ନୀଙ୍କ ବ୍ୟତୀତ ପୁତ୍ର ଓ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ସେ ଅତ୍ୟନ୍ତ ସରଳ ଓ ନିଷ୍କପଟ ସ୍ୱଭାବ ତଥା ସୁନ୍ଦର ଚରିତ୍ରର ଅଧିକାରୀ ଥିଲେ । ଅତ୍ୟନ୍ତ ଦୟାଳୁ, ବିନମ୍ର ଓ କ୍ଷମା ଆଚରଣକାରୀ ମଣିଷଟିଏ ଥିଲେ । ତାଙ୍କ ପୁତ୍ର କୁହନ୍ତି ମୋତେ ଓ ମୋ ଭଉଣୀ ତଥା ଅନ୍ୟ ପିଲାମାନଙ୍କୁ ମଧ୍ୟ ପ୍ରତି ସପ୍ତାହରେ ଖଲିଫାଙ୍କ ନିକଟକୁ ପତ୍ର ଲେଖିବା ଓ ହଜୁର ସହ ନିଜ ସମ୍ପର୍କକୁ ମଜବୁତ କରିବା ପାଇଁ ସର୍ବଦା ଅନୁପ୍ରାଣିତ କରୁଥିଲେ । ତାଙ୍କ ସହଧର୍ମିଣୀ କୁହନ୍ତି ଚାନ୍ଦା ଦେବାରେ ଅତ୍ୟନ୍ତ ନିୟମାନୁବର୍ତୀ ଥିଲେ । ତାଙ୍କ ପୁତ୍ରୀ ଲେଖିଛନ୍ତି ଅବାଙ୍କର ଅଲ୍ଲାଃତାଲାଙ୍କ ଉପରେ ଆସ୍ଥା ଏବଂ ଖିଲାଫତ୍ ସହିତ ନିଷ୍ଠା ଓ ଆଜ୍ଞାକାରୀତାରେ ଜଣେ ଜ୍ୱଳନ୍ତ ଉଦାହରଣ ଥିଲେ ଏବଂ ସର୍ବଦା ଏଥିରେ ପ୍ରତିଷ୍ଠିତ ରହିବାକୁ ଆମକୁ ମଧ୍ୟ ପୌତ୍ସାହିତ କରୁଥିଲେ ।

ହଜୁର ଅନଓ୍ୱର ଅ.ବ କହିଲେ-ଯେତେବେଳେ ମୁଁ ନାଜିରେ ଆଲା ହେଲି ସେତେବେଳେ ମଧ୍ୟ ସେ ଅତ୍ୟନ୍ତ ନମ୍ରତାର ସହ ଜମାଅତର ବ୍ୟବସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ମୋର ବିଶ୍ୱସ୍ତ ଓ ସମ୍ମାନ କରୁଥିଲେ । ଅଲ୍ଲାଃତାଲା ତାଙ୍କ ସହ ଦୟା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରନ୍ତୁ । ସେମାନଙ୍କ ସନ୍ତାନମାନଙ୍କ ମଧ୍ୟରେ ତାଙ୍କର ପୁଣ୍ୟକର୍ମକୁ ଅବ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଜନାଯାଃ ଖଲିଫା ଅବଦ୍ଦୁଲ ଅଜିଜ୍ ସାହେବ ଉପସଭାପତି ଜମାଅତ ଅହମଦିୟା କାନେଡ଼ାଙ୍କର ଅଟେ । ସେ ଚଳିତ ମାସ ୯ ତାରିଖ ଦିନ ୮୪ ବର୍ଷ ବୟସରେ ଦେହ ତ୍ୟାଗ କଲେ । **ଇନ୍ନାଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** ସେ ଅତ୍ୟନ୍ତ ମିଳାପି ଓ ସବୁରିଙ୍କର ପ୍ରିୟ, ସର୍ବଦା ଆନନ୍ଦ ମୁଖର ରହୁଥିବା, ବୁଦ୍ଧିମାନ, ପୁଣ୍ୟବନ୍ତ, ନିଷ୍ପାପର ଓ ବିଶ୍ୱସ୍ତ ବ୍ୟକ୍ତି ଥିଲେ । ଦେହ ଅସୁସ୍ଥ ଥିବା ସତ୍ତ୍ୱେ ନିଜର କର୍ତବ୍ୟ ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ଅତ୍ୟନ୍ତ ସାହାସିକତାର ସହ ସମ୍ପାଦନ କରିଚାଲିଥିଲେ । ତାଙ୍କର ଖିଲାଫତ୍ ସହ ନିବିଡ଼ ସମ୍ପର୍କ ଓ ବିଶ୍ୱାସ ରହିଥିଲା । ଅଲ୍ଲାଃଙ୍କ କୃପାରୁ ମୁସି (ଇଚ୍ଛାପତ୍ରଧାରୀ) ଥିଲେ, ଅଲ୍ଲାଃତାଲା ତାଙ୍କ ସହ କ୍ଷମା ଓ ଦୟା ଆଚରଣ କରନ୍ତୁ ଏବଂ ତାଙ୍କ ପରିଜନମାନଙ୍କୁ ସହିଷ୍ଣୁ ଓ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଏବଂ ସେମାନଙ୍କୁ ତାଙ୍କ ପୁଣ୍ୟକର୍ମ ଅବ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ।

Khulasa Khutba Juma Huzoor Anwar a.b.a

19th July 2019